A.A-1

# ସଂକ୍ଷିପ୍ତ ବିବରଣୀ - ସମ୍ବାଦ ପରିବେଷଣ ପାଇଁ

ବିଷୟ -ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ(OIIAWMIP)-ପ୍ରକଳ୍ପ-୨.

ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ ଦ୍ୱାରା ପ୍ରକଳ୍ପ-୨ କାର୍ଯ୍ୟକାରି କରିବା ପାଇଁ ମୋଟ ପ୍ରକଳ୍ପ ଖର୍ଚ୍ଚ ଅଟକଳ ୧୭୧.୫୬୨ ମିଲିୟନ ଡ଼ଲାର ମଧ୍ୟରୁ ୧୨୦ ମିଲିୟନ ଡ଼ଲାର ବା ୭୨୦ କୋଟି ଟଙ୍କା ଏସିଆ ଉନ୍ନୟନ ବ୍ୟାଙ୍କ ଠାରୁ ଋଣ ସହାୟତା ପାଇଁ ମନ୍ତ୍ରୀ ପରିଷଦଙ୍କ ଅନୁମୋଦନ ଲାଭ କରିଅଛି ।

ଜଳ ସମ୍ପଦ ବିଭାଗ ଦ୍ୱାରା ଚାରି ଗୋଟି ବୃହତ ପ୍ରକଳ୍ପ ଯଥା- ମାଛଗାଁ, ପଟ୍ଟାମୁଣ୍ଡାଇ, ହାଇ ଲେଭଲ-୧ କେନାଲ, ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ, ତିନି ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା - ରାମିଆଳ, କାଞ୍ଚାରୀ ଓ କାଂସବାହାଲ ଗୁଡ଼ିକର ଆଧୁନିକିକରଣ, ତତ୍ ସଂଲଗ୍ନ ଭିତ୍ତିଭୂମିମାନଙ୍କର ଆଧୁନିକିକରଣ ଏବଂ ପାଣି ପଞ୍ଚାୟତଗୁଡ଼ିକର ସଶକ୍ତିକରଣ ତଥା ୭୫୦ ଗୋଟି କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପର ପୁନଃ ଉଦ୍ଧାରିକରଣଏବଂ ୧୨ ଗୋଟି ଉପକୂଳ ଅଞ୍ଚଳର ଲୁଣି ବନ୍ଧଗୁଡ଼ିକର ପୁନରୁଦ୍ଧାର କରି ଚାଷ ଜମି ଓ ସେଗୁଡ଼ିକର ଭିତ୍ତିଭୂମିମାନଙ୍କୁ ଲୁଣି ପାଣି ଓ ଝଡ଼ ପ୍ରକୋପରୁ ରକ୍ଷା କରାଯାଇ ପାରିବ ।

ପ୍ରକଳ୍ପ-୨ କାର୍ଯ୍ୟକାରି ହେବା ଦ୍ୱାରା ଜଳ ସମ୍ପଦ ବିଭାଗ ଅଧିନସ୍ଥ ପାଣି ବ୍ୟବହାରକାରୀ ସଂସ୍ଥାମାନେ ଅଧିକ ମଜବୁତ ହେବା ସହିତ ପ୍ରକଳ୍ପ କାର୍ଯ୍ୟକାରିତା ଶକ୍ତି ଯଥା- ପାଣି ପଞ୍ଚାୟତ ଅଧିକ ଶକ୍ତିଶାଳୀ ହେବେ । ଜଳସେଚନ ଏବଂ ତତ୍ ସମ୍ବନ୍ଧୀୟ ଭିତ୍ତିଭୂମିର ବିକାଶ, କୃଷି ସହାୟତା ଏବଂ ପାଣି ପଞ୍ଚାୟତଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ଉନ୍ନତିକରଣ ହୋଇପାରିବ । ଏହି ୪ ଗୋଟି ବୃହତ, ୩ ଗୋଟି ମଧ୍ୟମ ଓ ୭୫୦ଟି କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୧,୨୪,୩୭୦ ହେକ୍ଟର ଜଳ ସେଚିତ ଜମିର ପୁନରୁଦ୍ଧାର ହୋଇପାରିବା ସଙ୍ଗେ ସଙ୍ଗେ ୫୯୩୦ ହେକ୍ଟର ନୂଆ ଜଳସେଚିତ ଅଞ୍ଚଳ ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ସୃଷ୍ଟି କରାଯାଇ ପାରିବ ।

ଉକ୍ତ ପ୍ରକଳ୍ପଗୁଡ଼ିକ ସେପ୍ଟେମ୍ବର ୨୦୧୫ ମସିହାଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୦୧୮ରେ ଶେଷ ହେବ । ଏହି କାର୍ଯ୍ୟର କରିଚାଳନା ଜଳ ସମ୍ପଦ ବିଭାଗର ଜଳ ସେଚିତ ଅଞ୍ଚଳ ଉନ୍ନତିକରଣ ଓ ପ୍ରକଳ୍ପ ପରିଚାଳନା ଅଧିକାରୀଙ୍କ ଦ୍ୱାରା ପରିଚାଳନା କରାଯିବ ।

ଏଥି ପାଇଁ କୃଷି ଉତ୍ପାଦନ କମିଶନରଙ୍କ ଅଧକ୍ଷତାରେ ବିଭିନ୍ନ ବିଭାଗର ଶାସନ ସଚିବମାନଙ୍କ ଦ୍ୱାରା ଏକ ଷ୍ଟିଅରୀଂ କମିଟି ଗଠନ କରାଯାଇ ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତଦାରଖ କରାଯିବ ।

A-A-1

## BRIEF FOR THE PRESS

**Subject: Asian Development Bank (ADB) Loan Assistance of USD 120 million for implementation of Tranche-II of Orissa Integrated Irrigated Agriculture and Water Management Investment Programme (OIIAWMIP.**

1. The Project objective is to modernize irrigation and associated infrastructure, and strengthen Pani Panchayats in 4 Major (Machhagaon, Pattamundai, HLC Range I and MCII) and 3 medium (Ramial, Kanjhari and Kansabahal) irrigation schemes and 750 MLIPs and restore 12 segments of costal embankment needed to protect agricultural land and infrastructure from saline water intrusion and storm surges.

2. The State Government avail external assistance from ADB for Rs.720.00 Cr. ( US $ 120.00 million) for implementation of OIIAWMIP . The Project will have state Government share of Rs. 286.67 Cr. (US $ 47.778 million) and Beneficiary share of Rs.22.71 Cr. (US $ 3.785 million) totaling to Rs.1029.38 Cr. (US $ 171.562 million).

3. The project implementation period will be August 2015 to September 2018.

*********